# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**18 April - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖୁବ୍ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯିବ ନୂଆ ରାସନକାର୍ଡ
- ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କୋରାପୁଟ ଜିଲ୍ଲା' ପ୍ରଧାନମନ୍ତ୍ରୀ ସର୍ବୋତ୍କୃଷ୍ଟ ଲୋକ ପ୍ରଶାସନ ପୁରସ୍କାର ପାଇଁ ମନୋନୀତ
- ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଐତିହ୍ୟ ଦିବସ
- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣ କରି ପାଳନ କରାଯାଉଛି ଗୁଡ୍ ଫ୍ରାଇଡେ

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ  ବର୍ଷା ହୋଇଥିବା ସୂଚନା

## ରାସନକାର୍ଡ

ରାଜ୍ୟରେ ଖୁବ୍ ଶୀଘ୍ର ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନକାର୍ଡ ବଣ୍ଟନ କରାଯିବ ବୋଲି ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୨୨ ତାରିଖ ସୁଦ୍ଧା ରାସନକାର୍ଡ ପ୍ରସ୍ତୁତ ରଖିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟ ମଧ୍ୟରେ ରାସନକାର୍ଡ ଛାପି ପ୍ରସ୍ତୁତ ରଖିବାକୁ ଅବଗତ କରାଯାଇଛି। ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି କାର୍ଡଗୁଡ଼ିକୁ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ନୂଆ ରାସନକାର୍ଡ ପାଇବା ପାଇଁ ପ୍ରାୟ ୭ ଲକ୍ଷ ଆବେଦନକାରୀ ରହିଛନ୍ତି। ତେବେ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ରାଜ୍ୟବ୍ୟାପୀ ଇ-କେଓ୍ୱାଇସି ପ୍ରକ୍ରିୟା ଜାରି ରହିଛି।

## ପୁରସ୍କାର

କୋରାପୁଟ ଜିଲ୍ଲା ୨୦୨୪ର 'ପ୍ରଧାନମନ୍ତ୍ରୀ ସର୍ବୋତ୍କୃଷ୍ଟ ଲୋକ ପ୍ରଶାସନ ପୁରସ୍କାର' ପାଇବା ପାଇଁ ମନୋନିତ ହୋଇଛି। ଏହି ପୁରସ୍କାର ଜିଲ୍ଲାର ସାମଗ୍ରୀକ ବିକାଶ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଦାନ କରାଯିବ। ଏ ନେଇ କେନ୍ଦ୍ର ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ପକ୍ଷରୁ କୋରାପୁଟ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଆସନ୍ତା ୨୧ ତାରିଖରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାରର ଉଦ୍ଦେଶ୍ୟ ହେଉଛି, ଶାସନରେ ନୂତନତା, ଉତ୍କୃଷ୍ଟତା ଓ ନିଷ୍ଠାକୁ ପ୍ରୋତ୍ସାହିତ କରିବା।

ଏ ସମ୍ପର୍କରେ କୋରାପୁଟ ଜିଲ୍ଲାପାଳ ଭ୍ରି.କିର୍ତ୍ତୀଭ୍ରାସନ କହିଛନ୍ତି,

**-V/O-***(Collector)*

## ବିଶ୍ୱ ଐତିହ୍ୟ ଦିବସ

ସାଂସ୍କୃତିକ ଐତିହ୍ୟର ବିବିଧତା ଉପରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଐତିହ୍ୟ ଦିବସ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦରେ ଥିବା ଐତିହ୍ୟ- ପ୍ରସ୍ତୁତି ଏବଂ ମୁକାବିଲା' । ଆନ୍ତର୍ଜାତୀୟ ସ୍ଥାପତ୍ୟ ପରିଷଦର ପ୍ରସ୍ତାବ ଅନୁସାରେ ଆଜିର ଦିନକୁ ବିଶ୍ୱ ଐତିହ୍ୟ ଦିବସ ଭାବେ ପାଳନ କରିବା ଲାଗି ୟୁନେସ୍କୋ ସାଧାରଣ ପରିଷଦ ୧୯୮୨ ମସିହାଠାରୁ ନିଷ୍ପତ୍ତି ନେଇଥିଲା । ଏ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବାବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି। ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଏବଂ ଏଲୋରା ଗୁମ୍ଫା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେବା ପରେ କ୍ରମାଗତ ଭାବେ ଅନ୍ୟ ସ୍ଥାନ ଗୁଡ଼ିକୁ ଏଥିରେ ସାମିଲ କରାଯାଉଛି।

ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ. ଦେଶର ସମସ୍ତ ସଂରକ୍ଷିତ ସ୍ମାରକୀରେ ପ୍ରବେଶ ଶୁଳ୍କ ଛାଡ଼ କରିଛି ।

କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଆଜି ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ଶୁଳ୍କ ଛାଡ କରାଯାଇଛି । ଏ.ଏସ୍.ଆଇ.ର ଏହି ପଦକ୍ଷେପ ପର୍ଯ୍ୟଟକଙ୍କୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ସୁଯୋଗ ପ୍ରଦାନ କରିବ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ବିଶ୍ୱ ଐତିହ୍ୟ ଦିବସରେ ଐତିହ୍ୟ ଏବଂ ସ୍ମାରକୀସ୍ଥଳିଗୁଡ଼ିକର ସୁରକ୍ଷା ଏବଂ ସଂରକ୍ଷଣ ପ୍ରତି ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

**ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ଏହି ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମ ଐତିହ୍ୟ, ଆମ ଗୌରବ । ଐତିହ୍ୟର ସୁରକ୍ଷା, ସଂରକ୍ଷଣ ଓ ପ୍ରଚାର-ପ୍ରସାର ପାଇଁ ପରାମର୍ଶ ଦେଇଛନ୍ତି ।

## ପିଏମ୍-ନାଟ୍ୟଶାସ୍ତ୍ର

ଶ୍ରୀମଦ୍‌ଭଗବତଗୀତା ଏବଂ ଭରତମୁନିଙ୍କ ନାଟ୍ୟଶାସ୍ତ୍ର ୟୁନେସ୍କୋର ମେମୋରି ଅଫ୍ ଦ ୱାର୍ଲଡ ରେଜିଷ୍ଟର୍ ରେ ସ୍ଥାନ ପାଇଛି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅନ୍ତର୍ଭୁକ୍ତିକୁ ଭାରତ କାଳଜୟୀ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିର ବିଶ୍ୱସ୍ତରୀୟ ସ୍ୱୀକୃତି ବୋଲି ପ୍ରଶଂସା

କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଉଭୟ ଗୀତା ଓ ନାଟ୍ୟଶାସ୍ତ୍ର ଶତାବ୍ଦୀ ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପରିପୁଷ୍ଟ କରି ଆସିବା ସହ ବିଶ୍ୱକୁ ପ୍ରେରଣା ଦେଉଛି ।

ଶ୍ରୀମଦ୍ ଭଗବତ୍ ଗୀତା ଓ ନାଟ୍ୟଶାସ୍ତ୍ର ବିଶ୍ୱ ଚିନ୍ତନକୁ ପ୍ରେରଣା ଦେଇଛି, ପ୍ରଭାବିତ କରିଛି ଏବଂ ସମୃଦ୍ଧ କରିଛି ବୋଲି ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ୟୁନେସ୍କୋ ମେମୋରି ଅଫ୍ ଦ ଓ୍ୱାର୍ଲଡ ସମ୍ମାନ ଆମ ପୁରାତନ ବୌଦ୍ଧିକ ଓ କଳାତ୍ମକ ଐତିହ୍ୟର ଏକ ଅତ୍ୟନ୍ତ ମୂଲ୍ୟବାନ ସ୍ୱିକୃତି ବୋଲି ସେ ମତ ରଖିଛନ୍ତି । ଏହି ଐତିହାସିକ ସଫଳତା ସହିତ ଭାରତ ୟୁନେସ୍କୋ ମେମୋରି ଅଫ୍ ଦ ଓ୍ୱାର୍ଲଡ ରେଜିଷ୍ଟରରେ ୧୪ଟି ସ୍ଥାନ ଅଧିକାର କରିଛି ।

## ଗୁଡ୍ ଫ୍ରାଇଡେ

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣ କରି ବିଶ୍ୱର କୋଣ ଅନୁକୋଣରେ ଆଜି ଶୁଭ ଶୁକ୍ରବାର - ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି । ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭାଇଭଉଣୀମାନେ ଆନନ୍ଦ ଉଲ୍ଲାସର ସହିତ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ଧାର୍ମିକ ଚିନ୍ତାଧାରା ଏବଂ ପବିତ୍ର ବାର୍ତ୍ତାକୁ ସମାଜରେ ପ୍ରସାରିତ କରିବାପାଇଁ ଆଜିର ଦିନରେ ଆଗେଇ ଆସିଥାନ୍ତି । ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାର୍ତ୍ତା ସମାଜରେ ଲୋକଙ୍କର ଦୁଃଖରୁ ମୁକ୍ତି ଦେବାରେ ସମର୍ପିତ ଥିଲା ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଯୀଶୁଖ୍ରୀଷ୍ଟଙ୍କ ବଳିଦାନକୁ ସ୍ମରଣ କରିଛନ୍ତି। ଆଜିର ଦିନ ଦୟା, କରୁଣା ଏବଂ ସର୍ବଦା ଉଦାରବାଦୀ ହେବାକୁ ପ୍ରେରଣା ଦେଇଥାଏ ବୋଲି ସେ କହିଛନ୍ତି।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଗୁଡ୍ ଫ୍ରାଇଡେ ଅବସରରେ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ  ଶୁଭଶୁକ୍ରବାରର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ଯୀଶୁଙ୍କ ମାର୍ଗ, ପ୍ରେମ, ଦୟା ଓ କରୁଣାର ମାର୍ଗ ପ୍ରଦର୍ଶନ କରିଥାଏ ବୋଲି ଶୁଭଶୁକ୍ରବାରର ବାର୍ତ୍ତାରେ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା କହିଛନ୍ତି।

## ଗୁଡ୍ ଫ୍ରାଇଡେ-ଜିଲ୍ଲା

ଶୁଭ ଶୁକ୍ରବାର-ଗୁଡ୍ ଫ୍ରାଇଡେକୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଭାଇ ଭଉଣୀମାନେ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରୁଛନ୍ତି। ଏହି ଅବସରରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି।

**ସୁବର୍ଣ୍ଣପୁର** ଜିଲ୍ଲା ସଦର ମହକୁମା ସଦ୍‌ଭାବନା ଗୃହଠାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ପକ୍ଷରୁ ସମୂହ ପ୍ରାର୍ଥନା ସହ ବାଇବେଲ ପାଠ କରାଯାଇଛି। ସେହିପରି ଉଲୁଣ୍ଡା, ତରଭା ଆଦି ଅଂଚଳରେ ଯୀଶୁଖ୍ରୀଷ୍ଟଙ୍କ ଶ୍ରଦ୍ଧାଞ୍ଜଳି

ଦିଆଯିବା ସହ ଜନସମୂହର ମଙ୍ଗଳ କାମନା କରି ଏକ ସମବେତ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି।

**ଭଦ୍ରକ** ଜିଲ୍ଲାର ୧୫ରୁ ଊର୍ଦ୍ଧ୍ୱ ଚର୍ଚ୍ଚରେ ଗୁଡ୍ ଫ୍ରାଇଡେ ପାଳିତ ହୋଇଛି। ଚରମ୍ପା, କଟେରୀ, ବାଗମରା, ଆଗରପଡା, ପିରିପୁର ଆଦି ବାପିଷ୍ଟ୍ ଚର୍ଚ୍ଚରେ ବାଇବେଲ୍ ସହ ସମୂହ ପ୍ରାର୍ଥନା ଅନୁଷ୍ଠିତ ହୋଇଛି।

## ଲିଟେରାରୀ ଫେଷ୍ଟିଭାଲ୍

ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକତାର ମୂଳ କେନ୍ଦ୍ର ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ପୁରୀରେ ଆୟୋଜିତ ୩ ଦିନିଆ ଲିଟେରାରୀ ଫେଷ୍ଟିଭାଲ୍‌କୁ ଆଜି ଉଦ୍‌ଘାଟନ କରି ଶ୍ରୀ କମ୍ଭମପାଟି କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ମହାନ। ଓଡ଼ିଶାର ପରମ୍ପରା, ଐତିହ୍ୟ ସମ୍ପର୍କରେ ଭାରତ ତଥା ଅନ୍ତର୍ଜାତୀୟ ସ୍ତରର ଲେଖକ ଲେଖିକା ଅବଗତ ହେବାର ଆବଶ୍ୟକତା ରହିଛି। ସଂଳାପ ପ୍ରଦର୍ଶନ ଏବଂ ବିତର୍କ ମାଧ୍ୟମରେ ଭାରତର ପ୍ରାଚୀନ ଜ୍ଞାନକୁ ପ୍ରସାରିତ କରିବା ଏହି କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ବୋଲି ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି।  କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଶା ସରକାର ଏବଂ ନ୍ୟାସନାଲ ବୁକ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପୁରୀରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ଚାଷୀ ମାଲେସିଆ ଗସ୍ତ

ଆଧୁନିକ ଉଦ୍ୟାନ କୃଷି ପ୍ରଣାଳୀ, ଯନ୍ତ୍ରପାତିର ଉପଯୋଗ ଓ ଜଳବାୟୁ ଅନୁକୂଳ କୃଷି ସମ୍ବନ୍ଧରେ ଜ୍ଞାନ ଆହରଣ ପାଇଁ ରାଜ୍ୟର ବିଭିନ୍ନ ଅଂଚଳର ୧୪

ଜଣ ଚାଷୀ ଓ ୧୪ ଅଧିକାରୀ ଆଜି ମାଲେସିୟା ଗସ୍ତ କରିଛନ୍ତି । ଭୁବନେଶ୍ୱର କୃଷକ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଏହି ଦଳ ସେଠାରେ ୭ଦିନ ରହିବାର କାର୍ଯ୍ୟସୂଚୀ ରହିଛି ।

## ଝାଡାବାନ୍ତୀ

**ଭଦ୍ରକ** ଜିଲ୍ଲା ଜୋଡାଗଡ଼ିଆ ଗ୍ରାମରେ ଝାଡାବାନ୍ତୀରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି । ଚିକିତ୍ସା ପାଇଁ ସମସ୍ତ ଆକ୍ରାନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଧାଂଶୁ ବଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩ଟି ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ପ୍ରାଥମିକ ଚିକିତ୍ସା କରୁଛନ୍ତି । ଆକ୍ରାନ୍ତଙ୍କୁ ଓଆରଏସ୍ ପାଉଡର, ଔଷଧ ସହ ଜରୁରୀ ଚିକିତ୍ସା ଯୋଗାଇ ଦିଆଯାଉଛି । ତେବେ ଗ୍ରାମରେ ପଣାସର୍ବତ ପିଇ ଝାଡାବାନ୍ତୀ ବ୍ୟାପିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

## ଘଡିଆଳ

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ସାତକୋଶିଆ ଗଣ୍ଡରେ ୭ଟି ଘଡିଆଳ କୁମ୍ଭୀର ଛଡାଯାଇଛି । ୭ଟି ଘଡିଆଳ ମଧ୍ୟରୁ ନନ୍ଦନକାନନ ପ୍ରାଣୀଉଦ୍ୟାନରୁ ୫ଟି ଓ ଅନୁଗୁଳ ଟିକରପଡା ଘଡିଆଳ ସଂରକ୍ଷଣ ପ୍ରକଳ୍ପରୁ ୨ଟି ଘଡିଆଳ କୁମ୍ଭୀର ଅଣାଯାଇଛି । ସେମାନଙ୍କ ଚଳପ୍ରଚଳ ଅନୁଧ୍ୟାନ କରିବା ପାଇଁ ସମସ୍ତ ଘଡିଆଳ କୁମ୍ଭୀରଙ୍କ ଲାଞ୍ଜରେ ଟ୍ରାନ୍ସମିଟର ଖଞ୍ଜାଯାଇଛି ।

## ବଜ୍ରପାତ ସତର୍କତା

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବଜ୍ରପାତ ସମୟରେ ସତର୍କତା ଅବଲମ୍ବନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ବୈଠକରେ ଯୋଗଦେଇ ବଜ୍ରପାତରୁ ରକ୍ଷା ପାଇବାର ଉପାୟ ଓ ସତର୍କତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନୁରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ଓ ବିଭିନ୍ନ ବିଭାଗର  ଅଧିକାରୀମାନେ ଉପସ୍ଥିତ ରହି ବଜ୍ରପାତ ସମ୍ବନ୍ଧୀୟ ସଚେତନତା  ନେଇ କାର୍ଯ୍ୟଖସଡା ପ୍ରସ୍ତୁତ କରିଥିଲେ।

# ପାଣିପାଗ

ରାଜ୍ୟର କାଳବୈଶାଖୀ ପ୍ରଭାବରେ ଭୁବନେଶ୍ୱର-କଟକ ସମେତ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,  ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ଲାଗି ରହିବ। ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ, ବିଜୁଳି, ଘଡଘଡ଼ି ଓ ବର୍ଷା ନେଇ ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମାଲକାନଗିରି ଆଦି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।